NATIONAL NEWS BULLETIN (ODIA)

26 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ସମ୍ବିଧାନ ଦିବସ ।

– ଗତ ଦଶନ୍ଧି ଧରି ସରକାର ନିଜର କର୍ତ୍ତବ୍ୟ ଓ ନାଗରିକଙ୍କ ପ୍ରତି ଦାୟିତ୍ୱବୋଧତା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି – କହିଲେ ପ୍ରଧାନମନ୍ତ୍ରୀ ।

- ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଆଜି ପୁରିଲା ୧୮ବର୍ଷ ।

– ସର୍ବୋଚ୍ଚ ବଳିଦାନ ଦେଇଥିବା ବ୍ୟକ୍ତିବିଶେଷ ଓ ସୁରକ୍ଷାକର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ।

- ଗତ ଆର୍ଥିକ ବର୍ଷରେ ଦେଶରେ ଉତ୍ପାଦିତ ହୋଇଛି ୩୭୮ ନିୟୁତ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ।

ଏବଂ

- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ୨୫ତମ ଭାରତ ମହାସାଗର ରିମ୍ ସଂଘ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକ ।

କନ୍‌ଷ୍ଟୁସେସନ ଡେ

ସମ୍ବିଧାନ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ସମ୍ବିଧାନ ସଭା ପକ୍ଷରୁ ଭାରତୀୟ ସମ୍ବିଧାନକୁ ୧୯୪୯ ମସିହାର ଆଜିର ଦିନରେ ଗ୍ରହଣ କରାଯାଇଥିଲା । ଭାରତର ସମ୍ବିଧାନ ପ୍ରସ୍ତୁତ କରିବା ଲାଗି ୨ ବର୍ଷ ୧୧ ମାସ ଓ ୧୮ ଦିନ ସମୟ ଲାଗିଥିଲା । ତେବେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ କରାଯାଇଥିଲା ଏବଂ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା । ଭାରତ ସରକାର ସମ୍ବିଧାନ ଚିଠା କମିଟିର ଅଧ୍ୟକ୍ଷ ତଥା ଭାରତୀୟ ସମ୍ବିଧାନର ଜନକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କର ୧୨୫ତମ ଜୟନ୍ତୀ ଅବସରରେ ୨୦୧୫ ମସିହାଠାରୁ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ରୂପେ ପାଳନ କରି ଆସୁଛନ୍ତି । ଭାରତୀୟ ସମ୍ବିଧାନରେ ନିହିତ ନୀତି ଏବଂ ମୂଲ୍ୟବୋଧକୁ ପ୍ରତିଫଳିତ କରିବା ସହିତ ଏହାର ଆଦର୍ଶ ପ୍ରତି ସାମୁହିକ ପ୍ରତିବଦ୍ଧତାକୁ ଦୋହରାଇବା ହେଉଛି ଏହି ଦିବସ ପାଳନର ମୂଲ୍ୟ ଲକ୍ଷ୍ୟ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନ ଦିବସ ୭୭ତମ ବାର୍ଷିକୀ ପାଳନ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଡକ୍ଟର ବି.ଆର୍. ଆମ୍ବେଦକର ଏବଂ ସମ୍ବିଧାନ ସଭାର ଅନ୍ୟ ସମସ୍ତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ସମ୍ବିଧାନ ଉପରେ ଆମକୁ ମିଳିଥିବା ଉପହାର ଭାରତୀୟ ଗଣତନ୍ତ୍ରର ଅମୂଲ୍ୟ ଐତିହ୍ୟ । ବିକଶିତ ରାଷ୍ଟ୍ର ଗଠନରେ ସମ୍ବିଧାନ ଆମକୁ ମାର୍ଗଦର୍ଶନ କରିଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେଥିରେ ଥିବା

ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତା ପ୍ରକାଶ କରିବା ଆଜି ଦିବସ ପାଳନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପିଏମ୍-ଆର୍ଟିକିଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଗତ ଦଶନ୍ଧି ଧରି ସରକାର ନିଜର କର୍ତ୍ତବ୍ୟ ଓ ନାଗରିକଙ୍କ ପ୍ରତି ଦାୟିତ୍ୱବୋଧତା ଉପରେ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି । ସମ୍ବିଧାନ ଦିବସ ପାଳନ ଅବସରରେ ଇଂରାଜୀ ଏବଂ ହିନ୍ଦୀ ଦୈନିକ ଖବର କାଗଜ ଗୁଡ଼ିକରେ ପ୍ରକାଶିତ ଆଲେଖ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱଚ୍ଛଭାରତ ଅଭିଯାନଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ପଦକ୍ଷେପ ଜନଆନ୍ଦୋଳନରେ ପରିଣତ ହୋଇଛି । ଦେଶପ୍ରତି ନାଗରିକ ସେମାନଙ୍କର କର୍ତ୍ତବ୍ୟବୋଧତା ପ୍ରକାଶ କରିଚାଲିଛନ୍ତି । ସମ୍ବିଧାନର ଦୃଷ୍ଟିକୋଣକୁ ବଜାୟ ରଖିବା ସହ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ଗଠନରେ ସାମୁହିକଭାବେ ଅଂଶଗ୍ରହଣ କରିବାକୁ ଶ୍ରୀ ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେବା ସହ ରାଷ୍ଟ୍ର ପ୍ରଥମ ନୀତି ଆପଣେଇବାକୁ କହିଛନ୍ତି । ସମ୍ବିଧାନ ସହ ଦେଶବାସୀଙ୍କୁ ଅଧିକରୁ ଅଧିକ ଜଡିତ କରିବା ଲକ୍ଷ୍ୟନେଇ ନଭେମ୍ବର ୨୬ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି । ୧୯୪୯ ମସିହାରେ ସମ୍ବିଧାନ ଗ୍ରହଣ ପରିସ୍ଥିତିକୁ ସ୍ମରଣ କରି ଶ୍ରୀ ମୋଦୀ ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଡକ୍ଟର ବାବାସାହେବ ଆମ୍ବେଦକର ଏବଂ ସମ୍ବିଧାନ ସଭାର ସବୁ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ, ମୁଦ୍ରା ଏବଂ ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଆଦି ବିଭିନ୍ନ ସରକାରୀ କଲ୍ୟାଣକାରୀ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ପଛୁଆବର୍ଗଙ୍କ ଜୀବନଧାରଣ ମାନରେ ଉନ୍ନତି ତଥା ସାମାଜିକ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିବାରେ ଏହା ସହାୟକ ହୋଇଛି । ପ୍ରାୟ ୫୦କୋଟି ଭାରତୀୟ ଅତି ଦାରିଦ୍ର୍ୟ ସୀମାରେଖାରୁ ଊର୍ଦ୍ଧ୍ୱକୁ ଉଠିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଦେଶବାସୀଙ୍କୁ ପ୍ରୋତ୍ସାହିତ କରିଛନ୍ତି ।

୨୬/୧୧ ଆନିଭର୍ସରୀ

୨୦୦୮ ମସିହା ନଭେମ୍ବର ୨୬ ତାରିଖ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସର୍ବୋଚ୍ଚ ବଳିଦାନ ଦେଇଥିବା ବ୍ୟକ୍ତିବିଶେଷ ଏବଂ ସୁରକ୍ଷାକର୍ମୀଙ୍କୁ ଆଜି ଦେଶବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି ଆକ୍ରମଣକୁ ଆଜି ୧୮ବର୍ଷ ପୁରିଛି । ଲସ୍କର-ଏ-ତଏବା ସହ ଜଡିତ ୧୦ଜଣ ସଶସ୍ତ୍ର ଆତଙ୍କବାଦୀ ମୁମ୍ବାଇର ବିଭିନ୍ନ ସ୍ଥାନରେ ପ୍ରାୟ ୬୦ଘଣ୍ଟା ଧରି ଆକ୍ରମଣ କରିଥିଲେ । ସେହି ଅଞ୍ଚଳଗୁଡ଼ିକ ମଧ୍ୟରେ ତାଜ୍‌ମହଲ ପ୍ୟାଲେସ୍ ହୋଟେଲ, ଓବରାଏ ଟ୍ରାଇଡେଣ୍ଟ, ଛତ୍ରପତି ଶିବାଜୀ ଟର୍ମିନାଲ୍‌ସ ଏବଂ ନରିମନ ହାଉସ୍ ଆଦି ଅନ୍ତର୍ଭୁକ୍ତ । ଏହି ଆକ୍ରମଣରେ ୧୬୬ଜଣ ପ୍ରାଣ ହରାଇବା ସହ ୩୦୦ରୁ ଅଧିକ ଆହତ ହୋଇଥିଲେ । ୯ଜଣ ଆତଙ୍କବାଦୀ ଗୁଳିବିନିମୟରେ ନିହତ ହୋଇଥିବାବେଳେ ଅନ୍ୟତମ ଆତଙ୍କବାଦୀ ଅଜମଲ କସାବକୁ ଜୀବନ୍ତ ଭାବେ ଗିରଫ କରାଯାଇଥିଲା । ପରେ ଏହି ଆକ୍ରମଣ ପାଇଁ ସେ ଦୋଷୀ ସାବ୍ୟସ୍ତ ହେବା ସହ ତାକୁ ଫାଶୀ

ଦିଆଯାଇଥିଲା । ଏହି ଦିବସ ଆତଙ୍କବାଦ ବିରୁଦ୍ଧରେ ସତର୍କ ରହିବା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ସ୍ମରଣ କରାଇଥାଏ । ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ପ୍ରତି ଭାରତର ଅଙ୍ଗୀକାରବଦ୍ଧତା ବିଭିନ୍ନ ସମୟରେ ସରକାରଙ୍କ ପଦକ୍ଷେପରେ ପ୍ରତିପାଦିତ ହୋଇଆସିଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ଫେବୃୟାରୀ ମାସରେ ଦେଶର ପ୍ରଥମ ଜାତୀୟ ଆତଙ୍କବାଦ ନିରୋଧୀ ନୀତି ଏବଂ ରଣନୀତି ‘ପ୍ରହାର’କୁ ଉନ୍ମୋଚନ କରାଯାଇଥିଲା । ପ୍ରତିରୋଧ, ତ୍ୱରିତ ପ୍ରତିକ୍ରିୟା, ଏ କ୍ଷେତ୍ରରେ କାର୍ଯ୍ୟରତ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ, ଅନ୍ତର୍ଜାତିକ ସହଯୋଗ ଏବଂ ପୁନରୁଦ୍ଧାର ଓ ସ୍ଥିରତା ଆଧାରରେ ଏହି ଢ଼ାଞ୍ଚା ପ୍ରସ୍ତୁତ କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପରାଷ୍ଟ୍ରପତି ସି.ପି. ରାଦାକୃଷ୍ଣନ ଏହି ଅବସରରେ ସେହିଦିନ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷ ଓ ସୁରକ୍ଷାକର୍ମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ସୁରକ୍ଷାକର୍ମୀଙ୍କ ତ୍ୟାଗ ଓ ନିଃସ୍ୱାର୍ଥପର ସେବା ସବୁବେଳେ ଆମମଧ୍ୟରେ ଉଜ୍ଜିବୀତ ହୋଇ ରହିଛି । ଆତଙ୍କବାଦ କେବେହେଲେ ସାହସ, କରୁଣା ଏବଂ ସ୍ଥିରତାର ଏକତାରେ ବାନ୍ଧିହୋଇ ରହିଥିବା ଭାରତ ଭଳି ରାଷ୍ଟ୍ରର ଆତ୍ମାକୁ ଭଙ୍ଗ କରିପାରିବ ନାହିଁ ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ।

ଶିବରାଜ ଫୁଡ୍ ଗ୍ରେନ୍ ପ୍ରଡକ୍ସନ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜସିଂହ ଚୌହ୍ୱାନ କହିଛନ୍ତି ଗତ ଆର୍ଥିକ ବର୍ଷରେ ଦେଶରେ ୩୭୮ ନିୟୁତ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଛି । ପୂର୍ବବର୍ଷ ତୁଳନାରେ ଏହା ୨୦୮ ଲକ୍ଷ ଟନ୍ ଅଧିକ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଆଜି ସମ୍ବୋଧନ କରି ଶ୍ରୀ ଚୌହ୍ୱାନ କହିଛନ୍ତି, କ୍ରମାଗତ ଦ୍ୱିତୀୟଥର ପାଇଁ ଭାରତ ବିଶ୍ୱର ପ୍ରମୁଖ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ମାନ୍ୟତା ପାଇଛି । ମୋଟ୍ ଚାଉଳ ଉତ୍ପାଦନ ୧୫୫ ନିୟୁତ ଟନ୍ ଅତିକ୍ରମ କରିଛି, ଏବଂ ଏହା ପୂର୍ବବର୍ଷ ତୁଳନାରେ ୪୯ଲକ୍ଷ ୭୦ହଜାର ଟନ୍‌ରୁ ଅଧିକ ହୋଇଛି । ଗହମ ଉତ୍ପାଦନ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ପ୍ରାୟ ୧୨୨ ନିୟୁତ ଟନ୍‌ରୁ ଅଧିକ ରେକର୍ଡ ପରିମାଣର ଗହମ ଉତ୍ପାଦିତ ହୋଇଛି । ଏଥିରେ ମଧ୍ୟ ଭାରତ ବିଶ୍ୱସ୍ତରରେ ଦ୍ୱିତୀୟସ୍ଥାନ ହାସଲ କରିଛି । ଡାଲି ଉତ୍ପାଦନ ୨୭୨ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି ବୋଲି ସେ ସୂଚନା ଦେଇଛନ୍ତି ।

V/O (Sibraj Chouhan)

୨୦୨୬-୨୭ ଖରିଫ ଋତୁ ପାଇଁ ଖାଦ୍ୟଶସ୍ୟ ଉତ୍ପାଦନର ପ୍ରାଥମିକ ଆକଳନ ଉପରେ ଆଲୋକପାତ କରି ଶ୍ରୀ ଚୌହ୍ୱାନ କହିଛନ୍ତି ପ୍ରତିକୂଳ ପାଗ ସତ୍ତ୍ୱେ ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ଗୁଡ଼ିକରେ ଉତ୍ପାଦନ ଗତ ୫ବର୍ଷର ହାରାହାରି ତୁଳନାରେ ୯୭ଲକ୍ଷ ଟନ୍‌ରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି ।

ଆଇଓଆରଏ ଆରାଇଭାଲ

ଭାରତ ମହାସାଗର ରିମ୍‌ସଂଘ ଆଇ.ଓ.ଆର୍.ଏ.ର ୨୫ତମ ମନ୍ତ୍ରୀ ପରିଷଦ ବୈଠକ ଆସନ୍ତାକାଲିଠାରୁ ନୂଆଦିଲ୍ଲୀଠାରେ ଆରମ୍ଭ ହେବ । ଏହି ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ ଏକତ୍ରିତ ହୋଇ ସାମଗ୍ରୀକ ନୀତି ଏବଂ ରଣନୈତିକ କ୍ଷେତ୍ରଗୁଡ଼ିକ ଉପରେ ମତବିନିମୟ କରିବେ । ଆଇ.ଓ.ଆର୍.ଏ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ବୃଦ୍ଧି କରିବା ଏବଂ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ର ଉପରେ ମିଳିମିଶି କାର୍ଯ୍ୟ କରିବାକୁ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ । ବୈଠକରେ ଯୋଗଦେବା ପାଇଁ ସେସେଲ୍ସର ବୈଦେଶିକ ମନ୍ତ୍ରୀ ବାରି ଫାଉରେ ଆଜି ନୂଆଦିଲ୍ଲୀଠାରେ ଆସି ପହଞ୍ଚିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମରିସସ୍‌ର ବୈଦେଶିକ ତଥା ଆଞ୍ଚଳିକ ସମନ୍ୱୟ ଓ ଅନ୍ତର୍ଜାତୀୟ ସହଯୋଗ ମନ୍ତ୍ରୀ ଧନଞ୍ଜୟ ରାମଫଲ ଏବଂ ମାଳଦ୍ୱୀପର ମନ୍ତ୍ରୀ ଇରୁଥିସାମ ଆଦାମ ପ୍ରମୁଖ ନୂଆଦିଲ୍ଲୀରେ ପହଞ୍ଚି ସାରିଲେଣି ।

ଭାରତ ମହାସାଗର କ୍ଷେତ୍ରରେ ‘ନବସୃଜନ, ମୁକ୍ତ, ସ୍ଥିରତା ଏବଂ ଅନୁକୂଳ ସ୍ଥିତି’ ପ୍ରସଙ୍ଗ ଆଧାରରେ ଏହି ବୈଠକରେ ୨୩ଟି ସଦସ୍ୟ ରାଷ୍ଟ୍ର ଏବଂ ୧୨ଟି ଅଂଶୀଦାର ରାଷ୍ଟ୍ରର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମତବିନିମୟ କରିବେ ।

ଅନ୍ୟପକ୍ଷରେ ଆଇ.ଓ.ଆର୍.ଏ ବରିଷ୍ଠ ଅଧିକାରୀ କମିଟି ବୈଠକ ନୂଆଦିଲ୍ଲୀଠାରେ ଜାରି ରହିଛି । ଏଥିରେ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ଉପରେ କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯିବା ସହ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକ ପାଇଁ ପଦକ୍ଷେପ ସମ୍ପର୍କରେ ରୂପରେଖ ପ୍ରସ୍ତୁତ କରାଯାଉଛି ।

ନ୍ୟାସନାଲ୍ ମିଲ୍କ ଡେ

ଜାତୀୟ ଦୁଗ୍ଧ ଦିବସ ଆଜି ପାଳନ କରାଯାଉଛି । ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ବିହାରର ପାଟନାଠାରେ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହେଉଛି ।

ଭାରତର ଶ୍ୱେତବିପ୍ଳବର ଜନକ ଡକ୍ଟର ବର୍ଗିସ କୁରିଏନ୍‌ଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରତି ବର୍ଷ ନଭେମ୍ବର ୨୬ ତାରିଖରେ ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଇଥାଏ ।

ଦୁଗ୍ଧ ଚାଷୀ ଏବଂ ଏ କ୍ଷେତ୍ରର ଅଂଶିଦାରଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ବିଭିନ୍ନ ପଦକ୍ଷେପ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ ସହାୟକ ହେବ । ତିନୋଟି ବର୍ଗରେ ଜାତୀୟ ଗୋପାଳ ରତ୍ନ ପୁରସ୍କାର ପ୍ରଦାନ କରାଯିବ । ଦୁଗ୍ଧ ସମବାୟ ଏବଂ କ୍ଷୀର ଉତ୍ପାଦକ ସଂଗଠନ ଗୁଡ଼ିକର ମୂଲ୍ୟାଙ୍କନ ଓ ଗ୍ରେଡିଂ ଆଧାରିତ ମାନକ ପ୍ରକ୍ରିୟା ଆଜିଠାରୁ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ଏକ ଅନ୍‌ଲାଇନ୍ ପୋର୍ଟାଲ୍‌ର ମଧ୍ୟ ଶୁଭାରମ୍ଭ ହେବ ।

ସୂଚନାଯୋଗ୍ୟ ବୈଶ୍ୱିକ ସ୍ତରରେ ଭାରତ ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ପରିଗଣିତ ହେବା ସହ ମୋଟ୍ ଉତ୍ପାଦନରେ ଭାରତର ଏକ ଚତୁର୍ଥାଂଶ ଅବଦାନ ରହିଛି ।

ଇଫି ୨୬-ଫିଲ୍ମମେକର୍ସ

ଗୋଆରେ ଚାଲିଥିବା ୫୭ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ‘ଇଫି-୨୦୨୬’ରେ ମହିଳାଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଛି ।

ଚଳିତବର୍ଷ ୫୨ଜଣ ମହିଳା ଚଳଚ୍ଚିତ୍ର ନିର୍ମାତା ଅଂଶଗ୍ରହଣ କରୁଛନ୍ତି । ମହୋତ୍ସବ ଅବସରରେ ଦେଶ ତଥା ଆନ୍ତର୍ଜାତିକ ସ୍ତରରେ ମହିଳା ନିର୍ମାତା ପ୍ରସ୍ତୁତ କରିଥିବା ଚଳଚ୍ଚିତ୍ରଗୁଡ଼ିକୁ ପ୍ରଦର୍ଶନ କରାଯାଉଛି । ସେଥିମଧ୍ୟରେ ଲିନା ଯାଦବଙ୍କ ଲଦାଖୀ ଚଳଚ୍ଚିତ୍ର ବିକମିଂ, ମୁସ୍କାନ ଅସ୍ଥାନାଙ୍କ ସେଭ୍ ମିଛର, ଅନୁପମା ଶରଧିଙ୍କ ପିଲି ଚାନ୍ନେ ଏବଂ ଅନ୍ତରା ଜି.ଜି. ଚୌଧୁରୀଙ୍କ ସୂର୍ଯ୍ୟମୁଖୀ ଆଦି ଅନ୍ତର୍ଭୁକ୍ତ ।